# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୧୮.୦୩.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀ ଭରତ କୁମାର ଲେଙ୍କା,
୩. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୪. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ,
୫. ଶ୍ରୀମତୀ ମୋନାଲିସା ସାହୁ,
୬. ଶ୍ରୀମତୀ ରଞ୍ଜୁଲତା ରାୟ

ଅଦ୍ୟ ତା ୧୮.୦୩.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆଗକୁ ବର୍ଷାଋତୁ ଆସୁଅଛି । ଭୁବନେଶ୍ୱର ମହାନଗର ନିଗମାଂଚଳରୁ ଜଳ ନିଷ୍କାସନ ପାଇଁ ପ୍ରତ୍ୟେକ ଡ୍ରେନ୍ ଡ଼ିସିଲ୍‌ଟିଙ୍ଗ୍ କରାଯିବା ସହିତ ଡ୍ରେନ୍ ନଂ-୫ ର ପୁନଃଉଦ୍ଧାର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ୧୧ ଗୋଟି ହୋମିଓ ଡ଼ାକ୍ତରଖାନା ଅଛି, ଏଥିପାଇଁ ୬ ଗୋଟି ଅନୁମୋଦିତ ପଦବୀ ଅଛି । ଏହି ଡ଼ାକ୍ତରଖାନା ପରିଚାଳନା ପାଇଁ ମାତ୍ର ତିନି ଜଣ ହୋମିଓ ଡ଼ାକ୍ତର ଅଛନ୍ତି ତେଣୁ ଆଉ ତିନି ଜଣ ଡ଼ାକ୍ତର ଖୋଲା ଟେଣ୍ଡର (Open tender) ମାଧ୍ୟମରେ ରଖାଯାଇ ଉକ୍ତ ଡ଼ାକ୍ତରଖାନା ଗୁଡ଼ିକ ପରିଚାଳନା କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ସହରର ବିଭିନ୍ନ ସ୍ଥାନରେ ଅଳିଆ ଜମା ହେଉଅଛି ବିଶେଷ କରି ୱାର୍ଡ଼ ନଂ-୧୦ ଇଣ୍ଡଷ୍ଟ୍ରିଆଲ୍ ଅଂଚଳ ଓ ସତ୍ୟନଗର ଫ୍ଲାଇ ଓଭରବ୍ରିଜ୍ ତଳେ ବହୁଳ ପରିମାଣରେ ଅଳିଆ ଜମା ହେଉଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ସହର ମଧ୍ୟରେ ଯେଉଁଭଳି ଅଳିଆ ଜମା ନହୁଏ ଏଥିପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ରାସ୍ତା ସଫେଇ ହେବାପରେ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ମିଡ଼ିଆନ୍‌କୁ ସଫା କରି ଅଳିଆ ଗୁଡ଼ିକ ରାସ୍ତା ଉପରେ ପକାଉଛନ୍ତି ଫଳରେ ରାସ୍ତା ଗୁଡ଼ିକ ପୁନଃବାର ଅଳିଆ ହେଉଅଛି, ତେଣୁ ମିଡ଼ିଆନ୍ ଗୁଡ଼ିକ ସଫା କରି ସଙ୍ଗେ ସଙ୍ଗେ ସେହି ଅଳିଆ ଗୁଡ଼ିକ ଉଠାଇ ନେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ୱାର୍ଡ଼ରେ ଥିବା ଶ୍ମଶାନରେ ରାତ୍ରିରେ ଶବ ପୋଡ଼ିବା ସମୟରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ଶ୍ମଶାନ ଗୁଡ଼ିକରେ ଆଲୋକ ବ୍ୟବସ୍ଥା କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ସ୍ଥାନରେ ବାହାରେ ମଳତ୍ୟାଗ କରୁଥିବା କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ସମ୍ପୃକ୍ତ ସ୍ଥାନରେ Public Toilet ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବହୁତଳ ପ୍ରାସାଦ ନିକଟରେ TATA Power ଯେଉଁ ଟ୍ରାନ୍ସଫର୍ମର ବସାଇଛନ୍ତି, ସେ ଜାଗା କାହାର ? ବହୁତଳ ପ୍ରାସାଦ ନିକଟରେ ବସାଯାଇଥିବା ଟ୍ରାନ୍ସଫର୍ମର ଗୁଡ଼ିକର ଲ୍ୟାଣ୍ଡ୍ ଷ୍ଟାଟସ୍ TATA Power ଙ୍କ ଠାରୁ ମଗାଯାଉ ଏବଂ ସେଠାରେ ଟ୍ରାନ୍ସଫର୍ମର ବସାଇବା ପାଇଁ କିଏ ଅନୁମତି ପତ୍ର ଦେଇଛନ୍ତି ତାହାର କପି ମାଗିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମ, ପୁରୁଣା ଭୁବନେଶ୍ୱର ସ୍ଥିତ କେଦାରଗୌରୀ ମନ୍ଦିର ଏକ ତୀର୍ଥସ୍ଥଳ । ଏଠାକୁ ବହୁ ଯାତ୍ରୀ ଯିବା ଆସିବା କରୁଛନ୍ତି । ସେମାନଙ୍କ ସୁବିଧା ପାଇଁ ସେଠାରେ ଏକ ଶୌଚାଳୟ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ଭୁବନେଶ୍ୱର ମହାନଗର ନିଗମ ଶାସ୍ତ୍ରୀନଗର ଡ୍ରେନ୍‌ରେ ଅଳିଆ ଜମା ହୋଇଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି ତାହାକୁ ଶୀଘ୍ର ସଫେଇ କରିବା ପାଇଁ ଏବଂ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସଫେଇ କାର୍ଯ୍ୟ ହେଉଥିବା ୱାର୍ଡ଼ ନଂ-୪,୫ ଓ ୫୦ ମଧ୍ୟରେ ଥିବା ଡ୍ରେନ୍ ଗୁଡ଼ିକରେ ଡ଼ିସିଲ୍‌ଟିଙ୍ଗ୍ କାର୍ଯ୍ୟ ଡ୍ରେନେଜ୍ ଡ଼ିଭିଜନ୍ ଦ୍ୱାରା ତା ୩୧.୦୫.୨୦୨୩ ରିଖ ସୁଧା ସମ୍ପୂର୍ଣ୍ଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୦). ବର୍ଷା ସମୟରେ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ଅଂଚଳ ସବୁ ଆଗରୁ ଜଳମଗ୍ନ ହେଉଥିଲା ତାହାର ତାଲିକା ମାନନୀୟା ମେୟରଙ୍କୁ ପ୍ରଦାନ କରିବା ପାଇଁ ନିଗମର ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୧). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୧୩ ସ୍ଥିତ ଲକ୍ଷ୍ମୀ ନାରାୟଣ ଭେଣ୍ଡିଂଜୋନ୍ ନିକଟରେ ଜନୈକ ବ୍ୟକ୍ତି ତାଙ୍କ ନାମରେ ଇଲେକ୍ଟ୍ରି ଟ୍ରାନ୍ସଫର୍ମର ବସାଇ ବ୍ୟବସାୟୀ ମାନଙ୍କ ଠାରୁ ୟୁନିଟ୍ ପିଛା TPCODL ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ଦରରେ ଇଲେକ୍ଟ୍ରିବିଲ୍ ନେଉଛନ୍ତି । କୌଣସି ବ୍ୟବସାୟୀ ପ୍ରତିବାଦ କଲେ ତାଙ୍କର ଇଲେକ୍ଟ୍ରି ସଂଯୋଗ କାଟି ଦେଉଛନ୍ତି ଏବଂ ସମ୍ପୃକ୍ତ ବ୍ୟକ୍ତି ସେଠାରେ ଥିବା ଏକ ଶୌଚାଳୟକୁ ଜବରଦଖଲ କରି ଦୋକାନ ଗୃହ କରିଥିବାର ସେଠାକାର ବ୍ୟବସାୟୀ ମାନେ ଅଭିଯୋଗ କରୁଛନ୍ତି, ତେଣୁ ସମ୍ପୃକ୍ତ ଅଂଚଳ ଉପ ଆୟୁକ୍ତ, ମାର୍କେଟ୍ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୨). ମାନ୍ୟବର ଜାତୀୟ ସବୁଜ ଟ୍ରିବ୍ୟୁନାଲ (NGT) ଙ୍କ ନିଷ୍ପତି ସଂଖ୍ୟା ତା ୨୨.୧୨.୨୦୧୬ ରିଖ ଅନୁଯାୟୀ ବର୍ଜ୍ୟବସ୍ତୁକୁ ସର୍ବସାଧାରଣ ଖୋଲା ସ୍ଥାନରେ ଜାଳିବା ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି, କିନ୍ତୁ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ କେତେକ ସ୍ଥାନରେ ଉପରୋକ୍ତ ନିୟମକୁ ଉଲ୍ଲଙ୍ଘନ କରି ସର୍ବସାଧାରଣ ସ୍ଥାନରେ ବର୍ଜ୍ୟବସ୍ତୁକୁ ଜାଳିବାର ଦୃଷ୍ଟାନ୍ତ ଆସିଅଛି, ଯଦ୍ୱାରା କି ନିଗମ ଅଂଚଳର ପରିବେଶ ଏବଂ ସମୟେ ସମୟେ ଦୁର୍ଘଟଣା ମଧ ଘଟି ଧନଜୀବନ ହାନି ହେବାର ଆଶଙ୍କା ପାଉଅଛି । ଏହିଭଳି କ୍ଷେତ୍ରରେ ସାମାନ୍ୟ ଜାଳିବା (Simple burning) ସରଳ ଭାବରେ କ୍ଷତି ପାଇଁ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଜୋରିମାନା ବାବଦକୁ ଟ ୫,୦୦୦/- (ପାଂଚ ହଜାର ଟଙ୍କା) ଏବଂ ବହୁଳ ବର୍ଜ୍ୟବସ୍ତୁକୁ ଜାଳିବା କ୍ଷେତ୍ରରେ ଟ ୨୫,୦୦୦/- (ପଚିଶି ହଜାର ଟଙ୍କା) ଜୋରିମାନା କରିବା ପାଇଁ କର୍ପୋରେସନରେ ଆଲୋଚନା କରାଯାଇ ନିଷ୍ପତି ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୬.୪୮ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିଂଚି ନାରାୟଣ ମହାସୁପକାର
ସଭାପତି
ତା ୧୮.୦୩.୨୦୨୩ ରିଖ